## ଜଳିଗଲା ଭ୍ୟାନ୍



**ପଦ୍ମପୁର:** ବରଗଡ଼ ଜିଲା ପଦ୍ମପୁର ଥାନା ବରିକେଲ ବିଜୁ ଏକ୍ସପ୍ରେସ ରାସ୍ତା ପାର୍ଶ୍ୱରେ ଗୁରୁବାର ଏକ ନମ୍ବର ବିହୀନ ଓମିନି ଭ୍ୟାନ୍ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇଥିବା ଜଣାପଡ଼ିନାହିଁ। କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ମଧ୍ୟ ଜଣାପଡ଼ିନାହିଁ । ଉକ୍ତ ଗାଡ଼ିର ମାଲିକ କିଏ, ସେ ସମ୍ପର୍କରେ ସୂଚନା ମିଳିନାହିଁ। ପଦ୍ମପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ମାତ୍ର ସେତେବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା । ଘଟଣାସ୍ଥଳକୁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ସଂକ୍ଷେପରେ

### ଅର୍ଜୁନ ପାତ୍ର ମୃତ୍ୟୁ ଘଟଣା; ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

ହରଭଙ୍ଗା,୧୯।୧୧(ଡି.ଏନ୍.ଏ.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ସିଙ୍ଗାଣିବିଡା ନିକଟ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ କଡରୁ ଗତ ୩୦ ତାରିଖ ଦିନ ତିଲେଶ୍ୱର ପଞ୍ଚାୟତ ଟଭାପଦର ଗ୍ରାମର ଅର୍ଜୁନ ପାତ୍ର(୩୫)ଙ୍କ ମୃତଦେହ ମିଳିଥିଲା । ଏହି ଘଟଣାର ୧୭ ଦିନ ପରେ ବୌଦ୍ଧ ଏସ୍‌ପିଙ୍କୁ ଭେଟିଛନ୍ତି ଅର୍ଜୁନଙ୍କ ସ୍ତ୍ରୀ ଅନୁସୟା ପାତ୍ର । ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ସେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣା ଠିକ୍ ତଦନ୍ତ ପାଇଁ ଏସ୍‌ପି ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପୁରୁଣାକଟକ ଥାନାରେ ଏ ନେଇ ଲିଖିତ ଅଭିଯୋଗ ହୋଇଛି । ମାନବ ଅଧିକାର କର୍ମୀ ଦିବ୍ୟଲୋଚନ କର୍ଣ୍ଣ, ପ୍ରଶାନ୍ତ କର୍ଣ୍ଣ, ସୁଧୀର ଚୌଧୁରୀ ପ୍ରମୁଖ ଅନୁସୟା ପାତ୍ରଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଆଗେଇ ଆସିଛନ୍ତି।

### ଜୁଆ ଖେଳି ଧରାପଡିଲେ ସୁରକ୍ଷା କର୍ମୀ

ବ୍ରଜରାଜନଗର, ୧୯।୧୧ (ଡି.ଏନ.ଏ) ଝାରସୁଗୁଡା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ ଖଣି ନଂ. ୨ ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ଜୁଆ ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯଶୋବନ୍ତ ରୋହିଦାସ, ଗଦାଧର ସାହୁ ଓ ସଦାନନ୍ଦ ମହାନ୍ତି। ସେମାନଙ୍କ ନିକଟରୁ ୧୧,୮୦୦ ଟଙ୍କା ଜବତ କରାଯାଇଛି । ଏମାନେ ଖଣି ସୁରକ୍ଷା କର୍ମୀ ଭାବେ କର୍ତ୍ତବ୍ୟରତ।

### ଭିନ୍ନକ୍ଷମଙ୍କ ଘରେ ପହଞ୍ଚିଲା ଜିଲା ପ୍ରଶାସନ

ତୁଣ୍ଡଲା, ୧୯।୧୧ (ଡି.ଏନ.ଏ): ପାରାଲିସିସ୍ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ହୋଇ ପଡି ରହିଥିବା କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ଗାଁର ଖେଡୁ ମାଝୀଙ୍କ ଘରେ ପହଞ୍ଚିଲା ଜିଲା ପ୍ରଶାସନ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଳାହାଣ୍ଡି ନାରାୟଣ ବେହେରା, ଜିଲା ଭିନ୍ନକ୍ଷମ ପୁର୍ନବାସ ଅଧିକାରୀ ଶୁବାଶିଷ ମହାନ୍ତି, ବରିଷ୍ଠ ଶ୍ରବଣ ବିଶେଷଜ୍ଞ ବାଦଲ କୁମାର ପଟ୍ଟନାୟକ ଓ ସାମାଜିକ କର୍ମୀ ସୁରେଶ ଚୌଧୁରୀ ଖେଡୁଙ୍କୁ ହ୍ୱିଲ ଚେୟାର, ଭିନ୍ନକ୍ଷମ ପ୍ରମାଣପତ୍ର ଓ ଭତ୍ତା ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### ଆଟିଗାଁରେ ମଣ୍ଡି ଉଦ୍‌ଘାଟିତ

ଜୁନାଗଡ, ୧୯।୧୧ (ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁରେ ମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସ୍‌ଏଲଓପିସି ସଦସ୍ୟ ଦିଲୀପ କୁମାର ମୁଣ୍ଡ ଯୋଗଦେଇ ଆନୁଷ୍ଠାନିକ ଭାବେ ମଣ୍ଡି ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୩ ଜଣ ଚାଷୀଙ୍କ ୨୫୧.୬୨ କିଗ୍ରା ଧାନ ଉଠାଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଧାନ କ୍ରୟ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଡିଇଓ ପ୍ରଶମିତ ପଧାନ, ପିଅନ ସଞ୍ଜୀବ କୁମାର ପଧାନ, ପଞ୍ଚାନନ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସପ୍ତାହର ସୋମବାର ଓ ମଙ୍ଗଳବାର ଏହି ମଣ୍ଡି ଚାଲିବ ବୋଲି ଜଣାପଡିଛି।

### କେସିଙ୍ଗା ସହରରେ ମାସ୍କ ଚେକିଂ, ଜରିମାନା ଆଦାୟ

କେସିଙ୍ଗା, ୧୯।୧୧ (ଡି.ଏନ.ଏ.) କଳାହାଣ୍ଡି ଜିଲା କେସିଙ୍ଗା ସହରରେ ମାସ୍କ ଚେକିଂ ଗୁରୁବାର କରାଯାଇଥିଲା। କେସିଙ୍ଗା ପୋଲିସ ଓ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନାଙ୍କ ନେତୃତ୍ୱରେ କୋଭିଡ ନିୟମ ନ ମାନି ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ୭ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି । ସହରର ବିଦ୍ୟାପୀଠ ଛକ, ଥାନା, ହସ୍ପିଟାଲ, ସିନେମା ହଲ, ବୋରିଙ୍ଗପଦର ଆଦି ଛକ ନିକଟସ୍ଥ ଜାତୀୟ ରାଜପଥ ୨୬ ପାର୍ଶ୍ୱରେ ଏହି ଚେକିଂ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ବିଭିନ୍ନ ଗଣମାଧମ ଓ ବିଜ୍ଞାପନ ଦ୍ୱାରା ଦୀର୍ଘ ମାସ ଧରି ସତର୍କ ସୂଚନା ଦେଇ ଆସୁଥିଲେ ସୁଦ୍ଧା ଲୋକେ ମାନୁନାହାନ୍ତି। ପ୍ରଶାସନ ପକ୍ଷରୁ ବାରମ୍ବାର ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀମାନଙ୍କୁ ନିୟୋଜିତ କରି ଘର ବୁଲି ସତର୍କ କରାଉଥିଲେ ମଧ ଲୋକେ ମାନୁ ନାହାନ୍ତି। ବେଖାତିର ଭାବେ ଦୋକାନ, ବଜାର, ହସ୍ପିଟାଲ, ଚା ଦୋକାନ, ମାର୍କେଟରେ ବିନା ମାସ୍କରେ ଲୋକେ ବୁଲୁଛନ୍ତି ।

# ୧୦୯ ଏଏନ୍‌ଏମ୍ କାର୍ଯ୍ୟରୁ ଅନ୍ତର

ସୋନପୁର,୧୯।୧୧(ନି.ପ୍ର.)

ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ୧୦୯ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ(ଏଏନ୍‌ଏମ)ଙ୍କୁ ବୁଧବାର କାର୍ଯ୍ୟରୁ ଅନ୍ତର କରିଛନ୍ତି। ଏହାର ପ୍ରତିବାଦରେ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଗଣଧାରଣା ଦେଇଛନ୍ତି। ପୁନଃନିଯୁକ୍ତି ଦାବିରେ ଏହି ଆନ୍ଦୋଳନ ଜାରି ରହିଛି। ନିଯୁକ୍ତି ହରାଇଥିବା ଏଏନ୍‌ଏମ୍‌ମାନେ ପୂର୍ବାହ୍ନରେ ଟାଉନହଲ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ସହିତ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଅବସରରେ ଏ ନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ୫ ଟି ସଚିବଙ୍କୁ ମଧ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଦାବି ପୂରଣ ନ ହେଲେ ସ୍ୱାସ୍ଥ୍ୟକର୍ମୀମାନେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ସ୍ୱାସ୍ଥ୍ୟକର୍ମୀମାନେ କୋଭିଡ-୧୯ର ମୁକାବିଲା ପାଇଁ ଚୁକ୍ତିଭିତ୍ତିକ ଦୈନିକ ୮୫୦ଟଙ୍କା ପାରିଶ୍ରମିକରେ ତିନି ମାସିଆ ନିଯୁକ୍ତି ପାଇଥିଲେ। ଗତ ଅଗଷ୍ଟ ମାସ ଠାରୁ ସେମାନେ ଜିଲାର ସମସ୍ତ ୧୦୯ ପଞ୍ଚାୟତରେ ଖୋଲିଥିବା କୋଭିଡ କେୟାର ହୋମ(ସିସିଏଚ)ରେ ସେବା ଯୋଗାଇ ଆସୁଥିଲେ । ତେବେ ଜିଲାରେ କରୋନା ନିୟନ୍ତ୍ରଣକୁ ଆସିଥିବା ଓ ସିସିଏଚ୍‌ରେ ସ୍ୱାସ୍ଥ୍ୟକର୍ମୀଙ୍କ ଆବଶ୍ୟକତା ନ ଥିବା ଦର୍ଶାଇ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ଏହି ଆନ୍ଦୋଳନରେ ଗୀତାଞ୍ଜଳି ବାଗ, ତପସ୍ୱିନୀ ସାମନ୍ତ, ରେବତୀ ଜଗଦଲା, ପ୍ରଜ୍ଞାଶ୍ରୀ ମହାକୁର, ନିରୁପମା ସାହୁ, ଯୋଗେଶ୍ୱରୀ ପଣ୍ଡା, ଜୟନ୍ତୀ ସେଠ୍, ରଞ୍ଜିତା ଦ୍ୱାରି ଓ ମିନାକ୍ଷୀ ମହାକୁର ପ୍ରମୁଖ ସାମିଲ ହୋଇଥିଲେ।




ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଟାଉନ ହଲ ସମ୍ମୁଖରେ ଏକତ୍ରିତ ହୋଇଛନ୍ତି ।

**ପୁନଃନିଯୁକ୍ତି ଦାବିରେ ଗଣଧାରଣା**

## ହେମଗିର ବ୍ଲକରେ ୱାଡି ପ୍ରକଳ୍ପର ଶୁଭାରମ୍ଭ

ସୁନ୍ଦରଗଡ଼, ୧୯।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହେମଗିରି ବ୍ଲକର ଲଇକେରା ପଞ୍ଚାୟତରେ ୱାଡି ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଏହାର ଉଦ୍‌ଘାଟନ କରିଛନ୍ତି। ୧୧ ଜଣ ସ୍ଥାନୀୟ ଚାଷୀଙ୍କୁ ନେଇ ୨୨ ଏକର ଜମିରେ ଆମ୍ବ ଓ ଲେମ୍ବୁ ଚାଷ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବିଧାୟିକା ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବ୍ଲକ ଅଧକ୍ଷା ସୁଧାରାଣୀ ରାଉଡ଼ିଆ, ଉପାଧ୍ୟକ୍ଷ ସୁରତ ପ୍ରଧାନ, ସ୍ଥାନୀୟ ସରପଞ୍ଚ ପ୍ରତିଭା ଓରାମ ଏବଂ ଡିଏମ୍‌ଏଫ୍‌ର ଜୀବିକା ବିଶେଷଜ୍ଞ ଅଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ହେମଗିର ବ୍ଲକରେ ଏସଜି ଫାଉଣ୍ଡେସନ ଏହି ପ୍ରକଳ୍ପର ସହଯୋଗୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି। 'ଜିଲାର ୬ଟି ଖଣି ପ୍ରଭାବିତ ବ୍ଲକର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବିକାକୁ ସୁନିଶ୍ଚିତ କରିବା ପାଇଁ ୱାଡି ପ୍ରକଳ୍ପ ଲାଗୁ କରାଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଚାଷୀମାନଙ୍କର ଖାଲି ପଡ଼ିଥିବା ଜମିରେ ଫଳ ଚାଷ କରି ସେମାନଙ୍କର ଦୀର୍ଘସ୍ଥାୟୀ ଜୀବିକା ବାବଦରେ ପଦକ୍ଷେପ ନିଆଯାଉଛି' ବୋଲି କହିଛନ୍ତି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ। ସୁନ୍ଦରଗଡ଼ ଜିଲାର ଖଣି ପ୍ରଭାବିତ କୁତ୍ରା, ରାଜଗାଙ୍ଗପୁର, କୋଇଡ଼ା, ହେମଗିରି, କୁଆଁରମୁଣ୍ଡା ଏବଂ ଲହୁଣୀପଡ଼ା ବ୍ଲକରେ ୱାଡି ପ୍ରକଳ୍ପ ମାଧ୍ୟମରେ କାଜୁ, ଲିଚୁ, ଲେମ୍ବୁ, ଆମ୍ବ ଆଦି ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ପ୍ରତି ବ୍ଲକରେ ଆଗାମୀ ୫ ବର୍ଷ ଭିତରେ ୫୦୦ ଏକର ଜମିରେ ୱାଡି ପ୍ରକଳ୍ପ ଲାଗୁ କରିବାକୁ ଲକ୍ଷ୍ୟ ରହିଛି । ୱାଡି ପ୍ରକଳ୍ପ ପାଇଁ ଜିଲା ଉଦ୍ୟାନ କୃଷି ବିଭାଗ ବୈଷୟିକ ସହାୟତା ଯୋଗାଇ ଦେଉଥିବା ବେଳେ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ଆର୍ଥିକ ସହାୟତା ଦେଉଛି। ଏହି ପ୍ରକଳ୍ପ ସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଡ଼ି ଗ୍ରାମାଞ୍ଚଳର ଶ୍ରମିକମାନଙ୍କ ଜୀବିକା ସୁନିଶ୍ଚିତ କରାଯାଉଛି ।



କାର୍ତ୍ତିକ ମାସରେ ଫଳିଲା ଆମ୍ବ। ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ କିଞ୍ଜିରିକେଲା ଗ୍ରାମର ଅମିତା ପଟେଲଙ୍କ ଘରବାଡିରେ ଥିବା ଆମ୍ବଗଛରେ ଏବେ ଆମ୍ବ ବଉଳ ସହ ଫଳ ଧରିଛି। ସାଧାରଣତଃ ଫଗୁଣ ମାସରେ ଆମ୍ବଗଛରେ ଆମ୍ବ କଷି ହୋଇଥାଏ । ହେଲେ ଏଠାରେ ଗତ ଆଶ୍ୱିନ ମାସଠାରୁ ଆମ୍ବ ବଉଳ ଆସିବା ସହ ଏବେ ଆମ୍ବ ହୋଇଛି।

## ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ହରଭଙ୍ଗା,୧୯।୧୧(ଡି.ଏନ୍.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ଏହିଭଳି ଅଭିଯୋଗ କରି ଗୁରୁବାର ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ସୂର୍ଯ୍ୟନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବିଡିଓ ନୀଳକଣ୍ଠ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ବ୍ଲକର ବାମଣ୍ଡା ପଞ୍ଚାୟତର ଦେବଗଡ , କୁଲିମୁଣ୍ଡା, ନାୟକପଡା, ଛତ୍ରଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଉଲ୍ଲେଖ ରହିଛି । ବ୍ଲକରେ ବହୁ ଗରିବ ବ୍ୟକ୍ତି ଏହି ଯୋଜନାରୁ ବାଦ୍ ପଡିଥିବା ବେଳେ କେତେଜଣ ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତି ଯୋଜନାରେ ଉପକୃତ ହେଉଛନ୍ତି । ଏହାକୁ କୃଷକ ମୋର୍ଚ୍ଚା ପକ୍ଷରୁ ବିରୋଧ କରାଯାଇଛି । ଏଥିପ୍ରତି ବିଡିଓ ତୁରନ୍ତ ଦୃଷ୍ଟି ଦେଇ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ସାଙ୍ଗକୁ ଭିଟିରିଆ ଟଙ୍କା କାରବାର ହେଉଥିବା ନେଇ ଗତ କିଛିଦିନ ପୂର୍ବରୁ ହରଭଙ୍ଗା ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ସଭାପତି ଅରୁପାନନ୍ଦ ଦିପଙ୍କ ନେତୃତ୍ୱରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କାରାଯାଇଥିଲା। ମୋର୍ଚ୍ଚା ପକ୍ଷରୁ ଗୁରୁବାର ବିଡିଓଙ୍କୁ ଦିଆଯାଇଥିବା ଦାବିପତ୍ର ସମୟରେ ଜିଲା ସମ୍ପାଦକ ଆରତ ଧଳ, ୭ ନମ୍ବର ଜୋନ୍ ମଣ୍ଡଳ ସଭାପତି ଗଣେଶ ପ୍ରଧାନ, ଶମ୍ଭୁ ପ୍ରସାଦ ପ୍ରଧାନଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏ ନେଇ ବିଡିଓ ନୀଳକଣ୍ଠ ବେହେରାଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯିବ। ତ୍ରୁଟି ପରିଲକ୍ଷିତ ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଭାଜପା କୃଷକ ମୋର୍ଚ୍ଚାର କର୍ମକର୍ତ୍ତା ।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ**

## ସମ୍ବଲପୁରରେ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

ସମ୍ବଲପୁର,୧୯।୧୧(ବ୍ୟୁରୋ)

ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଦଳୀୟ ନେତା ଓ କର୍ମୀମାନେ ଇନ୍ଦିରାଙ୍କ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୂର୍ବତନ ଜିଲା ସଭାପତି ସୁରେଶ୍ୱର ମିଶ୍ର, ନିରଞ୍ଜନ ତ୍ରିପାଠୀ, ପ୍ରେମପ୍ରକାଶ ସାହାଣୀ, ବିଜୟ ଭୂୟାଁ, ତ୍ରିଲୋଚନ ପୁରୋହିତ, ବିଜୟଲକ୍ଷ୍ମୀ ବେହେରା, ଦୀନବନ୍ଧୁ ପରିଡା, ଶେଖ ହସିନ୍, ମହମ୍ମଦ ମୁକ୍ତାର, ମହମ୍ମଦ ସଲିମ, ସରୋଜ ମିଶ୍ର, ଅନୱର ଖାନ୍, ଶ୍ରବଣ ମେହେର, ଶେଖ ମୁଦିନ୍, ଯଶବୀର ସିଂ, ରାଜେଶ ମିଶ୍ର, ହରି ପାଢ଼ୀ, ସଞ୍ଜୟ ଛୁରିଆ, ସନ୍ଦିପ ଗର୍ଡିଆ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋ ସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱ

ବୌଦ୍ଧ,୧୯।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ୬୯ତମ ଗୋ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଜିଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଗୋପୂଜନ କରିଥିଲେ। ଏହି ଅବସରରେ ଜିଲାପାଳ ମିଶ୍ର ଗୋଚାଷୀମାନଙ୍କୁ ଫୁଲତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ. ଅମିତାଭ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଗୋଚାଷୀମାନଙ୍କୁ ନେଇ ହୋଇଥିବା ଏହି ଉତ୍ସବରେ ଜିଲାପାଳ ମିଶ୍ର କହିଥିଲେ ଯେ, ଗୋ ସମ୍ପଦର ବିକାଶରେ ଦେଶର ବିକାଶ ସମ୍ଭବ ବୋଲି ଗାନ୍ଧିଜୀ ଦେଇଥିବା ବାର୍ତ୍ତାକୁ ଗ୍ରହଣ କରି ଗୋମାତାଙ୍କ ସେବା ଯତ୍ନ କରୁଥିବା ବ୍ୟକ୍ତି ଆମ ସଂସ୍କୃତିର ସୁରକ୍ଷା କରୁଛନ୍ତି । ଏଣୁ ଗୋ ସେବା କରିବା ଦ୍ୱାରା ଅନେକ କିଛି ଉପକାର ମିଳିଥାଏ। ସେହିପରି ଦେଶୀ ଗୋରୁଗାଈଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦେବାକୁ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସଭାରେ ଅନ୍ୟତମ ଅତିଥି ଭାବରେ ଉପନିର୍ଦ୍ଦେଶକ ଡ. ହୃଷିକେଶ ବେହେରା ଓ ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ. ପ୍ରଭାସ କୁମାର ବେହେରା ଯୋଗଦେଇ ଚାଷୀମାନେ ଗୋମାତାଙ୍କ ସେବା ଯତ୍ନ କଲେ ଅଧିକ ଲାଭ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ନୋଡାଲ ଅଧିକାରୀ ଡ. ସଂଘମିତ୍ରା ପରମାଣିକ ଉତ୍ସବ ପରିଚାଳନା କରିଥିବା ବେଳେ ବାଉଁଶୁଣୀ ପ୍ରାଣୀ ଚିକିତ୍ସକ ଡ. ପ୍ରିୟବ୍ରତ ବେହେରା ଧନ୍ୟବାଦ ଦେଇଥିଲେ ।



ଉତ୍ସବରେ ଜିଲାପାଳ ଗୋପୂଜନ କରୁଛନ୍ତି ।

## ଉପଯୁକ୍ତ ଟିକେଟ୍ ଥିବା ଯାତ୍ରୀ ସ୍ୱତନ୍ତ୍ର ଟ୍ରେନରେ ଯାଇପାରିବେ

ସମ୍ବଲପୁର,୧୯।୧୧(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ଦେଇ ପୂଜା ଓ କୋଭିଡ୍ ସ୍ୱତନ୍ତ୍ର ଟ୍ରେନଗୁଡିକ ଚଳାଚଳ କରୁଛି । କୋଭିଡ୍ ସଂକ୍ରମଣକୁ ରୋକିବା ଲାଗି ଯାତ୍ରୀମାନଙ୍କୁ କୋଭିଡ୍ ପ୍ରୋଟକଲ୍ ବିଷୟରେ ବୁଝାଯାଉଛି। ଗୁରୁବାର ମଣ୍ଡଳ ଦ୍ୱାରା ରେଳ କର୍ମଚାରୀ, ରେଳ ବ୍ୟବହାରକାରୀ ଓ ରେଳ ଯାତ୍ରୀମାନଙ୍କୁ ମାସ୍କ ପିନ୍ଧିବା, ହାତକୁ ବାରମ୍ବାର ଧୋଇବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। କେବଳ ଉପଯୁକ୍ତ (କନଫର୍ମ) ଟିକେଟ ଥିବା ଯାତ୍ରୀମାନେ ଟ୍ରେନ ଯାତ୍ରା କରିପାରିବେ । ଏଥିସହ ସମ୍ପର୍କ ବିହୀନ ଟିକେଟ ଚେକିଂ ସହ ରେଳ ଷ୍ଟେଶନରେ ଥର୍ମାଲ ସ୍କାନିଂ ମେଶିନ ଲଗାଯାଇଥିବା ରେଳ ମଣ୍ଡଳ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ।

## ସୁବର୍ଣ୍ଣପୁର : ଆଜି ଠୁ ଧାନ କ୍ରୟ

ସୋନପୁର,୧୯।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଶୁକ୍ରବାର ଠାରୁ ଖରିଫ ଧାନ କିଣା ଆରମ୍ଭ ହେବ । ଏଥିପାଇଁ ନିୟନ୍ତ୍ରିତ ବଜାର କମିଟି, ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ଯୋଗାଣ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ୬୨ଟି ପ୍ୟାକ୍ସ, ମିଲର୍ସ ଓ ୩୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଜିଲାରୁ ୨୩ଲକ୍ଷ ୫ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ଦିଆଯାଇଛି । ଧାନ କ୍ରୟ ପାଇଁ ଜିଲାରେ ୧୧୪ଟି ମଣ୍ଡି ଖୋଲାଯିବ । ଧାନ ବିକ୍ରି କରିବା ପାଇଁ ଚଳିତ ଥର ୫୫ହଜାର ୭୦୨ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ଯାହାକି ଗତବର୍ଷ ଠାରୁ ୮ହଜାର ଅଧିକ। ଅନ୍‌ଲାଇନ ଟୋକନ ମାଧ୍ୟମରେ ଧାନ କିଣା ବିକା ସୁରୁଖୁରୁରେ ହେବ ବୋଲି କୁହା ଯାଉଥିଲେ ମଧ ଆଗାମୀ ଦିନରେ ଏହା କିପରି ଶୃଙ୍ଖଳିତ ହେବ ତାହାକୁ ନେଇ ଚାଷୀମାନେ ଏବେ ବି ସନ୍ଦେହରେ ଅଛନ୍ତି। ତେବେ ପୂର୍ବବର୍ଷଗୁଡିକରେ ଚାଷୀ ପଞ୍ଜୀକରଣ ସମୟରେ ଦୁର୍ନୀତି ପ୍ରଶାସନର ଚିନ୍ତା ବଢାଇଛି। ଭୂଲେଖ ପଦ୍ଧତିରେ ପଞ୍ଜୀକରଣ ସମୟରେ ଚାଷୀ ଜମିର ପଟ୍ଟା ପ୍ରଦାନ କରୁଛନ୍ତି। କିନ୍ତୁ ଜମିର କିସମ ଓ ପ୍ରକୃତରେ ଧାନ ଚାଷ ହୋଇଛି କି ନାହିଁ ତାହା ତଦନ୍ତ ହେଉନି। ଏ ସମ୍ପର୍କରେ ଜଣାପଡିବା ପରେ ଜିଲାରେ ଆଟ ଜମିର ପ୍ରକୃତ ସ୍ଥିତି ଜାଣିବା ପାଇଁ ଜିଲାପାଳ ମୋନିଷା ବାନାର୍ଜୀ ରାଜସ୍ୱ, ସମବାୟ ଓ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଜୀକରଣ ହୋଇଥିବା ଆଟ ଜମିଗୁଡିକରେ ଧାନ ଚାଷ ହୋଇଛି କି ନାହିଁ ଗୁରୁବାର ଠାରୁ ମିଳିତ ଯାଞ୍ଚ ଆରମ୍ଭ ହୋଇଛି। ଜିଲାପାଳଙ୍କ ଏହି ପଦକ୍ଷେପ ଅସାଧୁ ଧାନ ବେପାରୀଙ୍କ ଚିନ୍ତା ବଢାଇଛି। ଅନ୍ୟପକ୍ଷେ ଖେଳପଡିଆକୁ ବିଲ ଦେଖାଇ ଧାନ ବିକ୍ରି ଶୀର୍ଷକ ତଥ୍ୟଭିତ୍ତିକ ଖବର ଧରିତ୍ରୀରେ ଗତ ୧୮ ତାରିଖରେ ପ୍ରକାଶ ପାଇଥିଲା। ଏହି ଖବର ପଢି ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଜିଲାପାଳଙ୍କୁ ଜଣାଇବା ସହ ରିପୋର୍ଟ ମାଗିଛନ୍ତି । ଚିଠି ପରେ ସମବାୟ, ରାଜସ୍ୱ ଓ ଜିଲା ଯୋଗାଣ ବିଭାଗ ଚଳଚଞ୍ଚଳ ହୋଇଉଠିଛି ।

- ଚାଷୀ ପଞ୍ଜୀକରଣରେ ଦୁର୍ନୀତି
- ଆଟ କିସମ ଜମିର ଯାଞ୍ଚ

## ଜଗନ୍ନାଥଙ୍କ ଜମିକୁ ନେଇ ଉତ୍ତେଜନା

ଅତାବିରା, ୧୯।୧୧ (ଡି.ଏନ.ଏ)

- ଦୁଇ ପୃଥକ୍ ମାମଲା ରୁଜୁ
- ଫେରାର ଅଛନ୍ତି ଦୁଇ ପରିବାର
- ଏସ୍‌ପି ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବରଗଡ ଜିଲା ଭେଡେନ ଥାନା ତଥା ଗୁଷ୍ଠୁଡା ଫାଣ୍ଡି ଅଧୀନ ଉଦେପୁର ଗ୍ରାମର ଜଗନ୍ନାଥ ମନ୍ଦିର ଜମିକୁ ନେଇ ବିବାଦ ଦିନକୁ ଦିନ ବଢ଼ି ଚାଲିଛି । ଏହି ବିବାଦ ସମାଧାନ ହୋଇ ନ ଥିବାରୁ ଗାଁରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହିତ ଆକ୍ରମଣ ପ୍ରତି ଆକ୍ରମଣରେ ଗ୍ରାମବାସୀ ଆହତ ହୋଇଛନ୍ତି । ଏହି ଘଟଣାରେ ପୋଲିସ ଦୁଇଟି ପୃଥକ ମାମଲା (ନଂ.୨୧୦/୨୦ ଓ ନଂ.୨୧୧/୨୦) ରୁଜୁ କରି ତଦନ୍ତ ଚଳାଇଛି । ସୂଚନା ଅନୁସାରେ, ଉଦେପୁର ଗାଁରେ ଥିବା ଗଜନାଥ ମହାପ୍ରଭୁଙ୍କ ନାମରେ ୪.୭୨ ଡେସିମିଲ ଜମି ରହିଛି। ଏହି ଜମିକୁ ଗ୍ରାମର ଅରୁଣ ପାତ୍ରଙ୍କ ପରିବାର ଲୋକେ ନିଜର ବୋଲି ଦାବି କରୁଥିବାରୁ ବିବାଦ ସୃଷ୍ଟି ହୋଇଛି। ଗତ ୧୭ତାରିଖରେ ସେମାନେ ଉକ୍ତ ଜମିକୁ ଧାନ କାଟିବାକୁ ଯାଇଥିବା ବେଳେ ଗ୍ରାମବାସୀ ବାରଣ କରିଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ଜଗନ୍ନାଥ ମନ୍ଦିର ବୋର୍ଡ ସଦସ୍ୟ ନାରାୟଣ ବାଦୀ ଆହତ ହୋଇଥିଲେ। ଅନ୍ୟପକ୍ଷେ ଏହି ଘଟଣାର ସମାଧାନ ପାଇଁ ଗ୍ରାମବାସୀ ବରଗଡ ଏସ୍‌ପି, ଜିଲାପାଳ, ବିଧାୟିକା, ଉପଜିଲାପାଳଙ୍କୁ ବୁଧବାର ଏକ ଦାବିପତ୍ର ଦେଇଛନ୍ତି। ଏ ନେଇ ଫାଣ୍ଡି ଅଧିକାରୀ ଗଣେଷ କଳେତ ଘଟଣାର ଅନୁଧ୍ୟାନ କରି ଫେରିଥିବା ବେଳେ ଦେବୋତ୍ତର ବିଭାଗର ଜଣେ ହେଲେ ଅଧିକାରୀ ଗାଁକୁ ପହଞ୍ଚି ନ ଥିବାରୁ ଜନଅସନ୍ତୋଷ ବଢ଼ିଛି। ଏ ସମ୍ପର୍କରେ ଦେବୋତ୍ତର ବିଭାଗ ଅଧିକାରୀ ବି. ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ଉକ୍ତ ଜମି ମହାପ୍ରଭୁଙ୍କ ନାମରେ ରହିଛି। ରେକର୍ଡ ନ ଥାଇ ମଧ ଅରୁଣ ପାତ୍ର ଏବଂ ଅନ୍ୟମାନେ ଜୋରଜବରଦସ୍ତ ମହାପ୍ରଭୁଙ୍କ ଜମିକୁ ଯାଇ ବିବାଦ ସୃଷ୍ଟି କରୁଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ତଥା ବିହିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ମହାପାତ୍ର କହିଥିଲେ।

## ଆର୍‌ଏସ୍‌ପି ଶ୍ରମିକ ସ୍ୱୀକୃତି ନିର୍ବାଚନ ନେଇ ଅନିଶ୍ଚୟତା ଜାରି

ରାଉରକେଲା ଅଫିସ, ୧୯।୧୧

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଶ୍ରମିକ ସ୍ୱୀକୃତି ନିର୍ବାଚନ ନେଇ ଅନିଶ୍ଚୟତା ଜାରି ରହିଛି। କେବେ ଘୋଷଣା ହେବ ନିର୍ବାଚନ ତାରିଖ ତାକୁ ନେଇ ବିଭିନ୍ନ ୟୁନିୟନ ମଧ୍ୟରେ ଉତ୍କଣ୍ଠା ଲାଗି ରହିଛି। ଗତ ୭ ମାସ ହେବ ସ୍ୱୀକୃତିପ୍ରାପ୍ତ ୟୁନିୟନର ୨ବର୍ଷିଆ ଅବଧି ଶେଷ ହେଲାଣି। ତଥାପି ନିର୍ବାଚନ ନେଇ ତାରିଖ ଘୋଷଣା କରାଯାଉନାହିଁ। ୨୦୧୮ ଜାନୁୟାରୀ ୩୦ରେ ୟୁନିୟନ ସ୍ୱୀକୃତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ)ସହବନ୍ଧିତ ରାଉରକଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ସର୍ବାଧିକ ଭୋଟ ପାଇ ନିର୍ବାଚନ ଜିଣିଥିଲା । ଏବେ ପୁଣି ଥରେ ଏହି ନିର୍ବାଚନ ଜିଣିବାକୁ ଆର୍‌ଆଇକେକେଏସ୍ ଆଶା ବାନ୍ଧି ବସିଛି। ଏମିତି ଅବସ୍ଥାରେ ବିରୋଧୀ ୟୁନିୟନ ମଧ ତାର ଶକ୍ତିବୃଦ୍ଧି କରିବାରେ ଲାଗି ପଡିଛି। ଏଣେ ପୁନଃ କ୍ଷମତା ଦଖଲ ଆଶାରେ ଆର୍‌ଆଇକେକେଏସ୍ ଅଙ୍କ କଷାରେ ବ୍ୟସ୍ତ ରହିଛି ।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ନିର୍ବାଚନରେ ୧୩୦୯୫ ମତଦାତାଙ୍କ ମଧ୍ୟରୁ ୧୨ହଜାର ୪୨୩ ମତଦାନ ହୋଇଥିଲା। ଏଥିରେ ସର୍ବାଧିକ ୪୮୬୧ଭୋଟ ପାଇ ଆର୍‌ଆଇକେକେଏସ୍ ବିଜୟ ହାସଲ କରିଥିଲା। ବିରୋଧୀ ରାଉରକେଲା ଶ୍ରମିକ ସଂଘ ୩୭୩୦ ଭୋଟ ପାଇ ପରାସ୍ତ ହୋଇଥିଲା। ସେହିଭଳି ଅନ୍ୟତମ ବିରୋଧୀ ୟୁନିୟନ ଗାଙ୍ଗପୁର ମଜଦୁର ମଞ୍ଚ ୨୩୫୩ ଭୋଟ ପାଇଥିବା ବେଳେ ରାଉରକେଲା ମଜଦୁର ସଭା (ଆର୍‌ଏମଏସ) ୯୬୫. ଷ୍ଟିଲ ଏମ୍ପ୍ଲଇଜ ଟ୍ରେଡ ୟୁନିୟନ ୩୦୮, ଆମ ମଜଦୁର ସଙ୍ଗଠନ ୪୩, ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ ୪୦, ରାଉରକେଲା ୱାର୍କର୍ସ ୟୁନିୟନ ୭୧ ଭୋଟ ପାଇଥିଲା। ୫୨ ଭୋଟ ନାକଚ ହୋଇଥିଲା। କିନ୍ତୁ ଏଥର ସ୍ଥିତି ଓଲଟପାଲଟ ହେବା ଜଳଜଳ ଦିଶୁଛି। କାରଣ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଓ ଗାଙ୍ଗପୁର ମଜଦୁର ମଞ୍ଚ ମିଳିତ ଭାବେ ନିର୍ବାଚନ ଲଢିବାକୁ ମନସ୍ଥ କରିଛନ୍ତି। ପୂର୍ବ ଆକଳନ ଅନୁସାରେ ଉଭୟଙ୍କ ଭୋଟ ଯେକୌଣସି ପରିସ୍ଥିତିରେ ପୂର୍ବ ସ୍ୱୀକୃତିପ୍ରାପ୍ତ ୟୁନିୟନ ଠାରୁ ଅଧିକ। ଏମିତି ଅବସ୍ଥାରେ ବିରୋଧୀ ଆର୍‌ଏସ୍‌ଏସ୍ ୟୁନିୟନ ଶକ୍ତି ହ୍ରାସ କିପରି ହେବ ସେନେଇ ଆର୍‌ଆଇକେକେଏସ୍ ଜାଲ ବିଛାଇଥିବା ଆଲୋଚନା ହେଉଛି। ଗତ ୭ ମାସ ଓ ଆଗାମୀ ଆଉ କିଛି ମାସ ମଧ୍ୟରେ ଆର୍‌ଏସ୍‌ଏସ ସମର୍ଥକ ମତଦାତାଙ୍କ ମଧ୍ୟରୁ ବେଶ କେତେଜଣ ଅବସର ନେଇ ସାରିଲେଣି। ନିକଟରେ ଆଉ କେତେକ ବିଦା ହେବେ। ଏଭଳି ଚିନ୍ତା ହୁଏତ ଆର୍‌ଆଇକେକେଏସ୍‌ର ମନୋବଳକୁ ଦୃଢ଼ କରୁଛି। ଏମିତି ଆଲୋଚନା ଏବେ ଜୋର ଧରିଛି। ତଥାପି ଆର୍‌ଏସ୍‌ଏସ୍ ଓ ଗାଙ୍ଗପୁର ମଜଦୁର ମଞ୍ଚ ଭୋଟ ମିଶିଲେ ବିରୋଧୀ ନିଶ୍ଚିତ ସଶକ୍ତ ଏଥିରେ ଦ୍ୱିମତ ହେବାର ନୁହେଁ। ଏଣୁ ନିର୍ବାଚନ ତାରିଖ ଗଡାଇବା ଓ ବିରୋଧୀଙ୍କ ଭୋଟ ହାର ହ୍ରାସ କରିବା ବିଏମଏସ୍‌ର ଏକମାତ୍ର ଲକ୍ଷ୍ୟ ହୋଇଥାଇ ପାରେ ବୋଲି ଆକଳନ କରାଯାଉଛି। କେନ୍ଦ୍ରରେ ମୋଦି ସରକାର କ୍ଷମତାସୀନ ଅଛି। ଚିଫ ଲେବର କମିଶନର ନୂଆଦିଲ୍ଲୀଙ୍କୁ ପ୍ରଭାବିତ କରି ଭୋଟ ଦାନ ତାରିଖ ଗଡାଇବାରେ ବିଶେଷ କିଛି ଅସୁବିଧା ନାହିଁ। ଏଣେ ନିର୍ବାଚନ ନେଇ କାଳକ୍ଷେପଣ ଅସ୍ତ୍ର ପ୍ରୟୋଗ ଦ୍ୱାରା ବିରୋଧୀ ସମର୍ଥକ ମତଦାତାଙ୍କ ମଧ୍ୟରୁ ଆଉ କିଛିସଂଖ୍ୟା ତଳକୁ ଖସାଯାଇ ପାରିବ। ଯାହା ଆରଆଇକେକେଏସକୁ ସୁହାଇବ। ଏମିତି ଚର୍ଚ୍ଚା ଚାଲିଛି। ତେବେ ନିର୍ବାଚନ ନେଇ ମାନ୍ୟବର ହାଇକୋର୍ଟଙ୍କ ଅନୁକୂଳ ମନ୍ତବ୍ୟ ବିରୋଧୀ ଶିବିରରେ ଉତ୍ସାହ ଭରି ଦେଇଛି। ଯଦି ଷଡଯନ୍ତ୍ର ରଚାଯାଏ ଓ ନିର୍ବାଚନ ନେଇ କାଳକ୍ଷେପଣ ନୀତି ଆପଣାଯାଏ ତେବେ ବିରୋଧୀ ୟୁନିୟନ ରାଜରାସ୍ତାକୁ ଓହ୍ଲାଇବା ବିଚିତ୍ର ନୁହେଁ।

ରିପୋର୍ଟ :ବସନ୍ତ ଧଳ

## ଚାଉଳ ଟ୍ରକରେ ଲାଗିଲା ନିଆଁ

ଟିଟିଲାଗଡ଼: ବଲାଙ୍ଗୀର ଜିଲା ଟିଟିଲାଗଡ ଚାହାଁରଭଟା ଭାରତୀୟ ଖାଦ୍ୟ ନିଗମ ଗୋଦାମ ସମ୍ମୁଖରେ ଗୁରୁବାର ଏକ ଚାଉଳ ବୋଝେଇ ଟ୍ରକରେ ନିଆଁ ଲାଗିଯାଇଥିଲା। ଖବର ପାଇ ଟିଟିଲାଗଡ ଅଗ୍ନିଶମ ବିଭାଗ ଦଳ ପହଞ୍ଚି ଏହାକୁ ଆୟତ୍ତ କରିଥିଲେ। ଏକ ରାଇସ୍ ମିଲରୁ ଗୋଦାମକୁ ଚାଉଳ ନେଇ ଯାଉଥିବା ଟ୍ରକଟି ରାସ୍ତାକଡରେ ଛିଡା ହୋଇଥିଲା। ସେହି ସମୟରେ ଅନ୍ୟ ଏକ ଚାଉଳ ବୋଝେଇ ଟ୍ରକ ବ୍ୟାକ କରୁଥିବା ବେଳେ ଇଲେକ୍ଟ୍ରିକ ଖୁଣ୍ଟରେ ପିଟି ଦେବାରୁ ଖୁଣ୍ଟଟି ଭାଙ୍ଗିଯାଇଥିଲା। ଫଳରେ ବିଦ୍ୟୁତ୍ ତାର ଛିଣ୍ଡି ପଛରେ ଛିଡା ହୋଇଥିବା ଟ୍ରକରେ ପଡିଯିବାରୁ ନିଆଁ ଲାଗିଯାଇଥିଲା। ତେବେ ଟ୍ରକରେ ଲୋଡ ହୋଇଥିବା ଚାଉଳ ସୁରକ୍ଷିତ ରହିଛି।

# ୪ ଘଣ୍ଟାରେ ପ୍ରସ୍ତୁତ ହୋଇଥିଲା ମାଷ୍ଟର ପ୍ଲାନ୍

**ୟୁନିୟନ ବ୍ୟାଙ୍କ ୩୫ଲକ୍ଷ ଟଙ୍କା ଲୁଟ୍ ଘଟଣା**

- ୭ ଗିରଫ,୧୦ ଲକ୍ଷ ଜବତ
- ଜାରି ରହିଛି ଚଢ଼ାଉ,ବାଇକ ନମ୍ବରରୁ ମିଳିଲା ସୁରାକ
- ଜଣେ ନାବାଳକ ବି ସମ୍ପୃକ୍ତ

ସମ୍ବଲପୁର,୧୯।୧୧(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଧୀନ ଲଇକେରା ୟୁନିୟନ ବ୍ୟାଙ୍କ ଅଧିକାରୀଙ୍କଠାରୁ ୩୫ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା । ଏହି ଘଟଣାରେ ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଦେବଗଡ଼ ଜିଲାର ଟିପିରିସିଂହାର ଗୋବିନ୍ଦ କିଷାନ (୨୪),ଦିଲୀପ ବାଗ(୨୨),ବିଶ୍ୱନାଥ କିଷାନ (୩୫),ଅମରେଶ କିସାନ (୨୫),ସୁନ୍ଦରଗଡ ଜିଲା ବଡଗୁଡିଆଲିର ସୁମନ୍ତ ଲାର୍କା (୩୨), ଢେଙ୍କାନାଳ ଜିଲା ପଥରଗଡାର ରୋହିତ ନାଏକ (୩୪) ଓ କେନ୍ଦ୍ରାପଡା ଜିଲା ଅନୁପଡାର ଉମେଶ ସାହୁ (୩୨) । ଏହି ଘଟଣାରେ ଜଣେ ନାବାଳକଙ୍କୁ ମଧ୍ୟ ପୋଲିସ ଧରି ବାଳ ସୁଧାରଗୃହକୁ ପଠାଇଛି । ଅଭିଯୁକ୍ତମାନଙ୍କ ନିକଟରୁ ୧୦ ଲକ୍ଷ ୯ ହଜାର ନଗଦ ଟଙ୍କା ଜବତ ହୋଇଛି। ଏହି ଡକାୟତି ଘଟଣାରେ ବ୍ୟବହୃତ ୫ ବାଇକ, ୮ ମୋବାଇଲ ଫୋନ୍ ଓ ଭୁଜାଲି ଜବତ କରାଯାଇଛି । ଏହାସହ ଅଭିଯୁକ୍ତମାନେ ଲୁଟ୍ ଟଙ୍କାରେ କିଣିଥିବା ଏକ କାର, ୨ ବାଇକ, ସୁନା ଓ ରୁପା ଅଳଙ୍କାରକୁ ପୋଲିସ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଳ ସିଂ ସୂଚନା ଦେଇଛନ୍ତି । ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା(ନଂ.୨୨୬/୨୦) ରୁଜୁ ହୋଇଛି । ଅଭିଯୁକ୍ତମାନଙ୍କୁ କୁଚିଣ୍ଡା କୋର୍ଟକୁ ଚାଲାଣ କରାଯାଇଛି । ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି ।

ଏ ସମ୍ପର୍କରେ ଏସ୍‌ପି କହିଛନ୍ତି, ବ୍ୟାଙ୍କ ନଗଦ ଟଙ୍କା ନେବା ଆଣିବା ପାଇଁ ଏକ ଗାଡି (ନଂ.ଓଡି୧୫ଜି୨୯୩୨) ବ୍ୟବହାର କରିଥାଏ । ସେହି ଗାଡ଼ି ଚଳିତମାସ ୯ ତାରିଖରେ ଟଙ୍କା ନେବା ପାଇଁ ସମ୍ବଲପୁର ବ୍ୟାଙ୍କକୁ ଆସିଥିଲା। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଏ ସମ୍ପର୍କରେ ସୂଚନା ପାଇବା ପରେ ସେ ଅନ୍ୟ ଅଭିଯୁକ୍ତମାନଙ୍କୁ ଜଣାଇଥିଲେ। ମାତ୍ର ୪ ଘଣ୍ଟା ଭିତରେ ସମସ୍ତ ଅଭିଯୁକ୍ତ ଏକାଠି ହୋଇ କିଭଳି ଟଙ୍କା ଲୁଟ୍ କରାଯିବ ସେ ନେଇ ଯୋଜନା କରିଥିଲେ। ବ୍ୟାଙ୍କରୁ ଟଙ୍କା ନେଇ ଅଧିକାରୀମାନେ ଫେରୁଥିବା ବେଳେ ୨ଜଣ ସମ୍ବଲପୁର-କୁଚିଣ୍ଡାର ଏକ ନିଛାଟିଆ ରାସ୍ତାରେ ସେହି ଗାଡ଼ି ସମ୍ମୁଖରେ ବାଇକ ରଖି ଅଟକାଇ ଥିଲେ। ଏହାପରେ ଦୁଇ ବାଇକ୍‌ରେ ୪ ଜଣ ଦୁର୍ବୃତ୍ତ ସେଠାରେ ଆସି ପହଞ୍ଚି ଯାଇଥିଲେ। ସେମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ବ୍ୟାଙ୍କ କର୍ମଚାରୀମାନଙ୍କୁ ମାରଧର କରିବା ସହ ଭୟଭୀତ କରି ଏକ ବ୍ୟାଗ୍‌ରେ ଥିବା ୩୫ ଲକ୍ଷ ୪୧ ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଏସ୍‌ପି ୮ଟି ପୋଲିସ ଟିମ୍ ଗଠନ କରିଥିଲେ। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲା। ଅଭିଯୁକ୍ତମାନେ ଲୁଟ୍ ଟଙ୍କା ଭାଗବଣ୍ଟା କରି ଅଲଗା ହୋଇଯାଇଥିଲେ । ଜିଲା ବାହାରେ ମଧ୍ୟ ପୋଲିସ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯିବ । ଏତେ ଟଙ୍କା ଅଣାଯିବା ପାଇଁ ବ୍ୟାଙ୍କ ପକ୍ଷରୁ କ'ଣ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ସେ ନେଇ ମଧ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସିଂ କହିଛନ୍ତି । ବାଇକ ନମ୍ବରରୁ ପୋଲିସକୁ ଲୁଟେରାମାନଙ୍କ ସମ୍ପର୍କରେ ତଥ୍ୟ ମିଳିଥିଲା ବୋଲି ପୋଲିସ କହିଛି ।



ପୋଲିସ ଜବତ କରିଥିବା ଟଙ୍କା ଓ ଗିରଫ ୭ ଅଭିଯୁକ୍ତ ।

## ସଂକ୍ଷେପରେ

### ପୋଲତଳକୁ ଖସିଲା ବାଇକ, ୨ ଯୁବକ ମୃତ

ରେଢାଖୋଲ, ୧୯।୧୧(ଡି.ଏନ.ଏ)
ସମ୍ବଲପୁର ଜିଲା ରେଢାଖୋଲ ସହର ଉପକଣ୍ଠସ୍ଥ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ଡିମିରିକୁଦା ଗ୍ରାମ ନିକଟରେ ଥିବା ଏକ ପୋଲତଳକୁ ବୁଧବାର ବିଳମ୍ବିତ ରାତିରେ ଏକ ବାଇକ ଖସି ପଡିବାରେ ଯାଇଛି ୨ ଯୁବକଙ୍କ ଜୀବନ। ମୃତ ଯୁବକମାନେ ହେଲେ ସହର ଏଲଆଇସି କଲୋନୀର ଅଭିଜିତ ପାଣିଗ୍ରାହୀ(୨୭) ଓ ରଥସାହିର ରାମଚନ୍ଦ୍ର ପ୍ରଧାନ(୨୬)। ପୋଲିସ ରେଢାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଜିତ ଓ ରାମଚନ୍ଦ୍ର ବାଇକ ନଂ. ଓଡି୧୫ଏନ-୫୪୨୧ ଯୋଗେ ଜଣେ ସାଙ୍ଗଙ୍କୁ ତଣ୍ଡାବିରା ଗ୍ରାମରେ ଛାଡି ଫେରୁଥିବା ବେଳେ ଭାରସାମ୍ୟ ହରାଇ ପୋଲତଳକୁ ଖସି ପଡିଥିଲେ। ରାତି ହୋଇଥିବାରୁ ଏ ନେଇ କେହି ଜାଣି ପାରି ନ ଥିଲେ। ଗୁରୁବାର ସକାଳେ ପ୍ରାତଃ ଭ୍ରମଣରେ ଯାଉଥିବା କେତେକ ଯୁବକ ଏହା ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଦୁର୍ଘଟଣାଗ୍ରସ୍ତ ବାଇକକୁ ପୋଲିସ୍ ଜବତ କରିଛି।

### ବୀମାରାଶି, ଟୋକନ ପାଇଁ ଚାଷୀଙ୍କ ଦାବି

ପଦ୍ମପୁର, ୧୯।୧୧ (ଡି.ଏନ.ଏ):
ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପରେ ଚାଷୀ ନେତାମାନେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପାଇକମାଳ ବ୍ଲକର ବାଦୀକଟା, ଭେଙ୍ଗରାଜପୁର, ଲଖମରା ଗ୍ରାମପଞ୍ଚାୟତର ଚାଷୀମାନେ ୨୦୧୯ରେ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇ ନାହାନ୍ତି । ତେଣୁ ସେମାନଙ୍କୁ ତୁରନ୍ତ ବୀମାରାଶି ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି । ସେହିପରି ଆଗାମୀ ୨୫ ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କୁ ଟୋକନ ଦେଇ ଧାନ କିଣିବା ବ୍ୟବସ୍ଥା କରିବାକୁ ଚାଷୀ ନେତାମାନେ ଦାବି କରିଛନ୍ତି । ନଚେତ ୨୬ ତାରିଖରେ ସମସ୍ତ ଚାଷୀ ବିନା ଟୋକନରେ ମଣ୍ଡିରେ ଧାନ ପକାଇବାକୁ ବାଧ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି ।

### ଜନ୍ମତିଥିରେ ଇନ୍ଦିରାଙ୍କ ସ୍ମୃତିଚାରଣ

ବଲାଙ୍ଗୀର ଅଫିସ,୧୯।୧୧
ବଲାଙ୍ଗୀର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଜିଲା ସଭାପତି ଦିଲୀପ ବେହେରାଙ୍କ ସଭାପତିତ୍ୱରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଆୟୋଜିତ ସ୍ମୃତିସଭାରେ ଟାଉନ କଂଗ୍ରେସ ସଭାପତି ବୁଲୁ ଦାନୀ, ପିସିସି ସମ୍ପାଦକ ଉମାଶଙ୍କର ପଣ୍ଡା, ଅଜୟ ବାଲି, ଉପସଭାପତି ଉମାକାନ୍ତ ସାହୁ, ରାମ ପ୍ରସାଦ ମିଶ୍ର, ଜିଲା କଂଗ୍ରେସ ପ୍ରବକ୍ତା ସାନନ୍ଦ ମିଶ୍ର, ପ୍ରେମ ମିଶ୍ର, ଅଙ୍କିତ ସାହୁ, ମିଳନୀ ସାହୁ, କାଉନସିଲର ସୌମ୍ୟଦୀପ ସରାଫ, ଅଖଣ୍ଡ ସେଠ ସ୍ୱର୍ଗତା ଗାନ୍ଧୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ଟ୍ରାକ୍ଟର ମାଲିକ ସଂଘର ବୈଠକ

ଖପ୍ରାଖୋଲ, ୧୯।୧୧(ଡି.ଏନ.ଏ.):
ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଟ୍ରାକ୍ଟର ମାଲିକ ସଂଘର ଏକ ବୈଠକ ଗୁରୁବାର ସତ୍ୟନାରାୟଣ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାଲି, ଗୋଡି ଅଦି ଯୋଗାଣରେ ହେଉଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ହରିଶଙ୍କର ବାବା ନାମରେ ଏକ ଟ୍ରାକ୍ଟର ମାଲିକ ସଂଘ ଗଠନ କରାଯାଇଥିଲା । ସଂଘ ସଭାପତିଭାବେ କର୍ଣ୍ଣସିଂ ଠାକୁର, ସମ୍ପାଦକ ଆନନ୍ଦ ପୁଟେଲ, କୋଷାଧକ୍ଷ ସୁବଳ ନିଆଲ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ ସଭ୍ୟଭାବେ ଯଶୋବନ୍ତ ପଟେଲ, ସୁବାସ ସାହୁ, ଚତୁର୍ଭୁଜ ପାତ୍ର, ମକରଧ୍ୱଜ ମେହେର, ଡିଙ୍ଗର ପୁଟେଲ, ସୁଜିତ ପଧାନ, ଜଗନ୍ନାଥ ନିଆଲ ପ୍ରମୁଖଙ୍କୁ ରଖାଯାଇଛି।

## ୧୫୦୦ ନିଶା ବଟିକା ଜବତ, ଜଣେ ଗିରଫ

ବଲାଙ୍ଗୀର ଅଫିସ,୧୯।୧୧

ବଲାଙ୍ଗୀର ସହରର ବେଆଇନ୍ ନିଶା ବଟିକା କାରବାର ବୃଦ୍ଧି ପାଇବାରେ ଲାଗିଛି । ଟାଉନ୍ ଥାନା ପୋଲିସ ହାତୀଶାଳପଡା ଲକ୍ଷ୍ମୀଯୋରଖଣ୍ଡି ନିକଟରେ ପାଟ୍ରୋଲିଂ କରୁଥିବାବେଳେ ବେଆଇନ୍ ନିଶା ବଟିକା ବିକ୍ରି କରୁଥିବା ବସନ୍ତ ସାହୁ (୪୫)ଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୫୦୦ ନିଶା ବଟିକା ଜବତ୍ କରାଯାଇଛି। ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ଟାଉନ୍ ଥାନା ଆଇଆଇସି ସଂଗ୍ରାମ ପଟ୍ଟନାୟକ ଗୁରୁବାର ଟାଉନ୍ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ବେଆଇନ୍ ନିଶା ବଟିକା ବିକ୍ରି କରୁଥିବା ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି । ପୋଲିସ ଟିମ୍ ଅଭିଯୁକ୍ତଙ୍କଠାରୁ ଆଲ୍ପ୍ରାଜୋଲାମ୍ ୦.୫ଏମଜିର ୨୦ ଷ୍ଟ୍ରିପ୍ ବା ୧୫୦୦ ବଟିକାକୁ ଜବତ କରିଛି। ଏଏନ୍ ଫାର୍ମା, ସାଇରୋଡ, ବାଡ୍ଡି ଲେଖାଥିବା ଉକ୍ତ ଷ୍ଟ୍ରିପ୍‌ରେ ବ୍ୟାଚ୍ ନମ୍ବର ଏଜିଟି-୨୪ ଓ ମାନୁଫାକ୍ଚର୍ଡ ଇନ୍ ମଇ ୨୦୧୯ ଲେଖା ରହିଛି। ଟାଉନ୍ ଥାନା ଇନ୍ସପେକ୍ଟର ଆର.କେ. ସାହୁ ଅଭିଯୁକ୍ତ ସାହୁଙ୍କୁ ଗିରଫ କରି ଟାଉନ୍ ଥାନାକୁ ଆଣିଥିଲେ । ତାଙ୍କ ରିପୋର୍ଟକ୍ରମେ ଥାନାରେ ଏକ ମାମଲା (ନଂ.୪୯୮/୨୦) ରୁଜୁ କରାଯାଇଛି। ଅଭିଯୁକ୍ତ ବସନ୍ତ କେଉଁଠାରୁ ନିଶା ବଟିକା ଆଣୁଥିଲେ ସେନେଇ ପୋଲିସ ଛାନ୍‌ବିନ୍ ଆରମ୍ଭ କରିଛି ।

# କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

**ଦେଓଗାଁ ବ୍ଲକ କର୍ମଚାରୀଙ୍କୁ ଦୁର୍ବ୍ୟବହାର**

ଦେଓଗାଁ,୧୯।୧୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପରେ ଦୁର୍ବ୍ୟବହାର ବଢ଼ିବାରେ ଲାଗିଛି । ଠିକାକାମକୁ ନେଇ ଭାଗବଣ୍ଟା ଛିଣ୍ଡୁ ନ ଥିବା ବେଳେ ରାଜନୈତିକ ଦଳ ମଧ୍ୟରେ ଟଣାଓଟରା ଲାଗିରହିଛି । ଫଳରେ ବିଭିନ୍ନ ସମୟରେ ରାଜନୈତିକ ଦଳର କର୍ମକର୍ତ୍ତା ନିଜର ଜାହିର ଦେଖାଇବା ପାଇଁ ବ୍ଲକ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବାକୁ ପଛାଉ ନାହାନ୍ତି । ଏହାର ଏକ ଉଦାହରଣ ବୁଧବାର ଅପରାହ୍ନରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଦେଖିବାକୁ ମିଳିଛି। ଏକ ଜାତୀୟ ରାଜନୈତିକ ଦଳରେ ବରିଷ୍ଠ ନେତାଭାବେ ପରିଚିତ ଜଣେ ବ୍ୟକ୍ତି ହଠାତ୍ ବ୍ଲକ ଅଫିସକୁ ଆସି ସେକ୍‌ଶନ ଅଧିକାରୀ ଚୈତନ୍ୟ ନାୟକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ଏ ନେଇ ବିଡିଓ ରୁଦ୍ରପ୍ରସାଦ ସୁନାଙ୍କୁ ଅବଗତ କରିଥିଲେ। ପରେ ବିଡିଓ ଘଟଣା ସମ୍ପର୍କରେ ଦେଓଗାଁ ଥାନା ଏଏସ୍‌ଆଇ ବିଚିତ୍ରାନନ୍ଦ ପଧାନଙ୍କୁ ଅବଗତ କରିଥିଲେ। ହେଲେ ପୋଲିସ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ଦର୍ଶାଇ ଗୁରୁବାର ପୂର୍ବାହ୍ନ ୧୦ଟାରେ କର୍ମଚାରୀ ସମୂହ ବ୍ଲକ ଅଫିସ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଅଭିଯୁକ୍ତଙ୍କୁ ଅବିଳମ୍ବେ ଗିରଫ ଦାବି କରି କଲମଛାଡ଼ ଆନ୍ଦୋଳନରେ ବିଡିଓ ସୁନାଙ୍କ ସମେତ ସମସ୍ତ କର୍ମଚାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ପ୍ରମୁଖ ଧାରଣାରେ ବସିଥିଲେ। ଗାଳିଗୁଲଜ କରିଥିବା ଉଡାର ଗ୍ରାମର ପ୍ରମୋଦ କୁମାର ବହିଦାରଙ୍କ ନାମରେ ବିଡିଓ ସୁନା ଓ ସମସ୍ତ କର୍ମଚାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ୩ଘଣ୍ଟା ପରେ ଦେଓଗାଁ ଥାନାଧିକାରୀ ରଞ୍ଜନ କୁମାର ବରିହା, ଏଏସ୍‌ଆଇ ବିଚିତ୍ରାନନ୍ଦ ପଧାନ, ଏଏସ୍‌ଆଇ ଅଭିମନ୍ୟୁ ରଥ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। ଏହି ଅବସରରେ କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରରେ ନିଜର ସୁରକ୍ଷା ଦାବି କରିଥିଲେ । ଅଭିଯୁକ୍ତଙ୍କୁ ନିଶ୍ଚିତ ଗିରଫ କରାଯିବ ବୋଲି ଥାନାଧିକାରୀ ବରିହା ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ୨ଟାରେ ସମସ୍ତ କର୍ମଚାରୀ ଧାରଣାରୁ ଓହରିଥିଲେ।



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

## ଏମ୍‌ପିଙ୍କ ନାମରେ ନକଲି ଫେସ୍‌ବୁକ ଆକାଉଣ୍ଟ

ସମ୍ବଲପୁର,୧୯।୧୧(ବ୍ୟୁରୋ)
ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ନାମରେ କେହି ଜଣେ ନକଲି ଫେସ୍‌ବୁକ ଆକାଉଣ୍ଟ ଖୋଲିଛନ୍ତି। ଏମ୍‌ପିଙ୍କ ପ୍ରତିନିଧି ମୋହନ କୁମାର ଦାସ ଏ ନେଇ ସାଇବର ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଏମ୍‌ପିଙ୍କ ଫେସବୁକ ଆକାଉଣ୍ଟ ପରିଚାଳନା କରୁଥିବା ହମିଦ ପ୍ରଧାନ ଜାଣିବାକୁ ପାଇଥିଲେ ଯେ, ଏମ୍‌ପିଙ୍କ ନାମରେ ଆଉ ଏକ ନକଲି ଫେସ୍‌ବୁକ ଆକାଉଣ୍ଟ ଖୋଲା ଯାଇଛି। ଯେଉଁଥିରେ ଲୋକମାନଙ୍କୁ ଟଙ୍କା ମଗାଯାଇଛି । ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ଇନ୍ଦିରା ଗାନ୍ଧୀ ଜୟନ୍ତୀ

ଦେବଗଡ଼,୧୯।୧୧(ଡି.ଏନ.ଏ.)
ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ୧୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସଭାରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ସଭାପତିତ୍ୱରେ କରିଥିଲେ। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ପ୍ରକାଶ ଚନ୍ଦ୍ର ଦେବତା, ସମ୍ପାଦକ କ୍ଷିତିଶ ପ୍ରଧାନ, ଏମ୍.କେ. ନାୟକ,କ୍ଷେତ୍ର କୁମାର ପାତ୍ର, ସବିତା ନାୟକ ପ୍ରମୁଖ ସ୍ୱର୍ଗତ ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ।

# ଟୋକନ ଆସିନି, ଚାଷୀଙ୍କ ବିକ୍ଷୋଭ



ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**କୁଚିଣ୍ଡା ଉପଖଣ୍ଡ**

ସମ୍ବଲପୁର,୧୯।୧୧(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଗୁରୁବାରଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ଚାଷୀଙ୍କ ନିକଟକୁ ଟୋକନ ଆସି ନ ଥିବାରୁ ସେମାନେ ଧାନ ବିକ୍ରି କରିପାରୁନାହାନ୍ତି। ଏହାର ପ୍ରତିବାଦରେ କୁଚିଣ୍ଡାରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟୋକନ ପାଇ ନ ଥିବାରୁ ଚାଷୀମାନେ ସଂଗ୍ରହ କେନ୍ଦ୍ର ଗୁଡିକୁ ଧାନ ଆଣି ନ ଥିଲେ। ହେଲେ ବାମରା, ଜମନକିରା ଓ କୁଚିଣ୍ଡା ବ୍ଲକର ବିଭିନ୍ନ ସଂଗ୍ରହ କେନ୍ଦ୍ର ଗୁଡିକରେ ଶତାଧିକ ଚାଷୀ ପହଞ୍ଚି ଯାଇଥିଲେ। ସେଠାରେ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି କଳାବ୍ୟାଜ୍ ପିନ୍ଧିଥିବା ବେଳେ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ଉପରେ ବର୍ଷିଥିଲେ। ଅଣଜଳସେଚିତ ଅଞ୍ଚଳ ହୋଇଥିବାରୁ ପ୍ରାୟ ଚାଷୀଙ୍କ ଧାନ ଅମଳ ହୋଇସାରିଛି। ହେଲେ ଟୋକନ ଆସି ନ ଥିବାରୁ ସେମାନେ ବିକ୍ରି କରି ପାରୁନାହାନ୍ତି। ଅନ୍ୟପଟେ ଚୁନା ଧାନ ସଂରକ୍ଷଣ କରି ରଖିବା ପାଇଁ ଚାଷୀଙ୍କ ପାଖରେ ଆବଶ୍ୟକ ସୁବିଧା ନାହିଁ। ବନ୍ୟ ପ୍ରାଣୀଙ୍କ ମଧ ଭୟ ରହୁଛି । ଚାଷୀମାନେ ବାଧ ହୋଇ ବେପାରୀଙ୍କୁ କମ୍ ଦରରେ ବିକ୍ରି କରିବେ ବୋଲି ଅଭିଯୋଗ କରିଛନ୍ତି । ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଅଗ୍ନିକାଣ୍ଡରେ ଗରିବ ପରିବାର ସର୍ବସ୍ୱାନ୍ତ

**ପ୍ରଶାସନ ପକ୍ଷରୁ ମିଳିନାହିଁ ସହାୟତା**

ବଲାଙ୍ଗୀର ଅଫିସ,୧୯।୧୧

ବଲାଙ୍ଗୀର ସହର ସାର୍କିଟ ହାଉସ ନିକଟ ସାଲେପାଲିଠାରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଉଜ୍ୱଳ ନନ୍ଦଙ୍କ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ଅଗ୍ନିକାଣ୍ଡରେ ଏହି ପରିବାରର ସମସ୍ତ ଜିନିଷପତ୍ର ଜଳିପୋଡି ନଷ୍ଟ ହୋଇଯାଇଛି। ବୁଧବାର ଅପରାହ୍ଣ ୩ଟା ୪୫ରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କଲା ବେଳକୁ ଘରେ ଥିବା ସମସ୍ତ ଲୁଗାପଟା, ବାସନକୁସନ, ଖାଦ୍ୟ ସାମଗ୍ରୀ, ଆସବାବପତ୍ର ଓ ଜରୁରୀ କାଗଜପତ୍ର ଜଳିପୋଡି ନଷ୍ଟ ହୋଇଯାଇଥିଲା। ଏପରିକି ଘର ବାକ୍ସରେ ଥିବା ନଗଦ ୫ହଜାର ଟଙ୍କା ବି ପୋଡି ଯାଇଥିଲା । ସବୁକିଛି ଜଳିପୋଡି ଯିବା ପରେ ଉଜ୍ୱଳ ନନ୍ଦଙ୍କ ପରିବାର ଲୋକେ ବୁଧବାର ଘର ସମ୍ମୁଖରେ ଖୋଲା ଆକାଶ ତଳେ ରାତ୍ରି ଯାପନ କରିଥିଲେ । ବଲାଙ୍ଗୀର ମ୍ୟୁନିସିପାଲିଟି କିମ୍ବା ତହସିଲ ଅଫିସରୁ କୌଣସି ସରକାରୀ କର୍ମଚାରୀ ଏହି ଗରିବ ଅଗ୍ନିବିପନ୍ନ ପରିବାରକୁ ଗୁରୁବାର ସନ୍ଧ୍ୟା ସୁଦ୍ଧା କୌଣସି ସହାୟତା ପ୍ରଦାନ କରିନାହାନ୍ତି । ଏଭଳି ଅଗ୍ନିକାଣ୍ଡରେ ନଷ୍ଟ ହୋଇଥିବା ସେମାନଙ୍କ ସମ୍ପତ୍ତିର ତାଲିକା ମଧ ପ୍ରସ୍ତୁତ କରାଯାଇନାହିଁ । ଗରିବ ଉଜ୍ୱଳ ନନ୍ଦଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ପଡାବାସୀ ନିବେଦନ କରିଛନ୍ତି।



ଘର ସମ୍ମୁଖରେ ସ୍ତ୍ରୀଙ୍କ ସହ ଅଗ୍ନିବିପନ୍ନ ଉଜ୍ୱଳ ନନ୍ଦ।

# କ୍ୟାନ୍‌ସର ହସ୍ପିଟାଲ ଦାବିରେ ରାସ୍ତାରୋକୋ

- ନାଗରିକଙ୍କ ଚେତାବନୀ ଶୋଭାଯାତ୍ରା
- ବିଗୁଡ଼ିଛି ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା
- ରାସ୍ତାକୁ ଓହ୍ଲାଇଲା କୋସଲ ସେନା

ବରଗଡ଼ ଅଫିସ୍,୧୯।୧୧

ବରଗଡ଼ ଜିଲାରେ କ୍ୟାନ୍‌ସର ହସ୍ପିଟାଲ ସ୍ଥାପନ ଦାବି ପୁଣି ତେଜି ଉଠିଛି। ଗୁରୁବାର ୟୁନାଇଟେଡ୍ ଫୋରମ ଫର୍ କ୍ୟାନ୍‌ସର ହସ୍‌ପିଟାଲ ଇନ୍ ବରଗଡ଼ ପକ୍ଷରୁ ଚେତାବନୀ ଶୋଭାଯାତ୍ରା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହିପରି ସ୍ଥାନୀୟ ଗାନ୍ଧୀଛକରେ କୋସଲ ସେନାର ଅନଶନ ତୃତୀୟ ଦିବସରେ ପହଞ୍ଚିଛି। ଅନଶନକାରୀ ସୁଶାନ୍ତ ମିଶ୍ର ଏବଂ ଶୋଭନ କୁମାର କର୍ଣ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସନ୍ଧ୍ୟାରୁ କୋସଲ ସେନା ରାସ୍ତାକୁ ଓହ୍ଲାଇଛି। ଗାନ୍ଧୀଛକ ସମ୍ମୁଖ ରାସ୍ତାରେ କୋସଲ ସେନାର ବହୁସଂଖ୍ୟକ କର୍ମୀ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବର ପାଇ ପ୍ରଶାସନିକ ଅଧବକାରୀମାନେ ସେଠାକୁ ଯାଇ ଆଲୋଚନା କରିବା ପରେ ଅନଶନ ଓ ରାସ୍ତାରୋକୋ ହଟିଥିଲା। ପରେ ଦୁଇ ଅନଶନକାରୀଙ୍କୁ ବରଗଡ଼ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ବରଗଡ଼ ଜିଲାରେ କ୍ୟାନ୍‌ସର ଅସୁସ୍ଥ ଓ ମୃତକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟର ସର୍ବାଧିକ କ୍ୟାନ୍‌ସର ଆକ୍ରାନ୍ତ, ମୃତକ ବରଗଡ଼ ଜିଲାର ଅଟନ୍ତି । ଫଳରେ ଏଠାରେ ଏକ କ୍ୟାନ୍‌ସର ହସ୍‌ପିଟାଲ ସ୍ଥାପନ ପାଇଁ ଜିଲାବାସୀ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ବରଗଡ଼ରେ କ୍ୟାନ୍‌ସର ହସ୍‌ପିଟାଲ ସ୍ଥାପନ ନେଇ ଗତ ୨୦୧୯ ଫେବୃୟାରୀ ଏବଂ ୨୦୨୦ ଜାନୁୟାରୀରେ ଦୁଇଥର ଘୋଷଣା କରିସାରିଛନ୍ତି। ତାହା କେବଳ ଘୋଷଣାରେ ରହିଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଗତ ଫେବୃୟାରୀ ମାସରେ ଏକ ବିଶେଷଜ୍ଞ ଟିମ୍ ବରଗଡ଼ ଜିଲା ଗସ୍ତରେ ଆସିଥିଲେ ଏବଂ ଟୁକୁର୍ଲା (ଖେଦାପାଲି)ସ୍ଥିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ କ୍ୟାନ୍‌ସର ହସ୍‌ପିଟାଲ ସ୍ଥାପନ ପାଇଁ ସ୍ଥାନ ନିରୂପଣ କରିଥିଲେ । ଇତିମଧ୍ୟରେ ୯ମାସ ବିତିଯାଇଥିଲେ ସୁଦ୍ଧା କିଛି ଅଗ୍ରଗତି ହୋଇ ନାହିଁ। ଫଳରେ ଏହାକୁ ନେଇ ସ୍ଥାନୀୟ ଜନତା ପୁଣି ତାତି ଉଠିଛନ୍ତି ।

ମଙ୍ଗଳବାର କୋସଲ ସେନାର କର୍ମୀମାନେ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଯାଇ ସେଠାରୁ ଫେରିବା ପରେ ୨ଜଣ ଅନଶନରେ ବସିଛନ୍ତି। ଗୁରୁବାର ୟୁନାଇଟେଡ୍ ଫୋରମ୍ ଫର୍ କ୍ୟାନସର ହସପିଟାଲର ଡାକରାରେ ବିଭିନ୍ନ ସଙ୍ଗଠନ ସାମିଲ ହୋଇ ସ୍ଥାନୀୟ ମାଁ ଶ୍ୟାମାକାଳୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସକୁ ଯାଇଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।



କୋସଲ ସେନା ପକ୍ଷରୁ ବରଗଡ଼ ଗାନ୍ଧୀ ଛକରେ ରାସ୍ତାରୋକୋ କରାଯାଇଛି ।

